1954

*ମାର୍ଚ୍ଚ 17*

ରାଜସ୍ଥାନ ରାଜ୍ୟ

*ବନାମ.*

ମେୱାର୍ ବୟନ କଳ ଲିମିଟେଡ୍, ଭିଲୱାରା ଏବଂ ଅନ୍ୟମାନେ

[ମୁଖ୍ୟ ନ୍ୟାୟଧୀଶ ମେହେର ଚାନ୍ଦ ମହାଜନ, ମୁଖାର୍ଜୀଆ,

ଏସ୍. ଆର୍. ଦାସ, ଭିଭିଆନ୍ ବୋଷ ଏବଂ

ଗୁଲାମ୍ ହସନ୍, ନ୍ୟାୟାଧୀଶବୃନ୍ଦ]

*ଶିଳ୍ପ ବିବାଦ ଅଧିନିୟମ (1947 ର ଅଧିନିୟମ XIV), ଧାରା 7 (3) (a), ଏବଂ (b) ଶିଳ୍ପ ବିବାଦ (ଅପିଲୀୟ ନ୍ୟାୟାଧିକରଣ) ଅଧିନିୟମ (1950 ର XLVIII) ର ଧାରା 34 ଦ୍ୱାରା ସଂଶୋଧିତ - ଏକ ଉଚ୍ଚ ନ୍ୟାୟାଳୟର ଜଣେ ନ୍ୟାୟମୂର୍ତ୍ତି ଏବଂ ଜଣେ ଜିଲ୍ଲା ବିଚାରପତି, ପୂର୍ବତନ ଯୋଧପୁର ରାଜ୍ୟର ଉଚ୍ଚ ନ୍ୟାୟାଳୟର ଜଣେ ନ୍ୟାୟମୂର୍ତ୍ତି ଏବଂ ଜଣେ ଜିଲ୍ଲା ବିଚାରପତିଙ୍କୁ ଅନ୍ତର୍ଭୁକ୍ତ କରେ କି ।*

ନିର୍ଣ୍ଣୟ ନିଆଗଲା ଯେ ଶିଳ୍ପ ବିବାଦ (ଅପିଲୀୟ ନ୍ୟାୟାଧିକରଣ) ଅଧିନିୟମ (1950 ର XLVIII) ର ଧାରା 34 ଦ୍ୱାରା ସଂଶୋଧିତ ଶିଳ୍ପ ବିବାଦ ଅଧିନିୟମ (1947 ର XIV) ର ଧାରା 7 (3) (a) ଏବଂ (b) ଅନୁଯାୟୀ ବାକ୍ୟାଂଶରେ "ଏକ ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଏବଂ ଜଣେ ଜିଲ୍ଲା ବିଚାରପତି" ପୂର୍ବତନ ଯୋଧପୁର ରାଜ୍ୟର ଉଚ୍ଚ ନ୍ୟାୟାଳୟର ଜଣେ ନ୍ୟାୟମୂର୍ତ୍ତି ଏବଂ ଜଣେ ଜିଲ୍ଲା ବିଚାରପତିନଙ୍କୁ ଅନ୍ତର୍ଭୁକ୍ତ କରେ |

ଦେୱାନୀ ଆବେଦନ ଅଧିକାରିତା : 1952 ର ଦେୱାନୀ ଆବେଦନ ସଂଖ୍ୟା 103 ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 133 (1) (C) ଅନୁଯାୟୀ ଯୋଧପୁରସ୍ଥିତ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର (ୱାଞ୍ଚୁ ଏବଂ ବାପ୍ନା ନ୍ୟାୟମୂର୍ତ୍ତିଦ୍ୱୟ) ଡି. ବି. ଦେୱାନୀ ବିବିଧ ଆବେଦନ 1951ର ସଂଖ୍ୟା 2 ରେ 1951 ଅଗଷ୍ଟ 10 ର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ରାଜସ୍ଥାନର ମହାଧିବକ୍ତା କେ. ଏସ୍. ହାଜେଲା* |

ଉତ୍ତରଦାତାମାନଙ୍କ ପାଇଁ କୌଣସି ଉପସ୍ଥିତି ନାହିଁ ।

1954 ମସିହା ମାର୍ଚ୍ଚ 17ରେ ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଗୁଲାମ ହସନ୍ ଙ୍କ ଦ୍ୱାରା- ଜଣେ ଶ୍ରୀ ସୁଖଦେଓ ନାରାୟଣଙ୍କ ନିଯୁକ୍ତିକୁ ଅମାନ୍ୟ ବୋଲି ବିଚାର କରି ଏବଂ ଶିଳ୍ପ ବିବାଦ ଅଧିନିୟମ ( 1947ର ସଂଖ୍ୟା XIV)ର ଧାରା 7 ଅଧୀନରେ

*1954*
*ରାଜସ୍ଥାନ ରାଜ୍ୟ ବନାମ. ମେୱାର୍ ବୟନ କଳ ଲିମିଟେଡ୍, ଭିଲୱାରା ଏବଂ ଅନ୍ୟମାନେ*
*ନ୍ୟାୟାଧୀଶ ଗୁଲାମ୍ ହସନ୍*

ଶିଳ୍ପ ନ୍ୟାୟାଳୟ ଭାବରେ ତାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ଅମାନ୍ୟ ଓ ଅବୈଧ ବୋଲି ନିର୍ଦ୍ଦେଶଦେଇ ଅନୁଚ୍ଛେଦ 226 ଅନୁଯାୟୀ ଆଜ୍ଞାଦେଶ ଆବେଦନରେ ସେହି ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶ ବିରୁଦ୍ଧରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 133 (C) ଅନୁଯାୟୀ ଏକ ପ୍ରମାଣପତ୍ର ମଞ୍ଜୁର ହୋଇଥିବା ଉପରେ ଏହି ଆବେଦନ ।

ଆମକୁ ଅବଗତ କରାଯାଇଛି ଯେ ଶ୍ରୀ ସୁଖଦେଓ ନାରାୟଣ ଏକ ଶିଳ୍ପ ନ୍ୟାୟାଧିକରଣ ଭାବେ କାର୍ଯ୍ୟ କରିବା ବନ୍ଦ କରିଦେଇଛନ୍ତି ଏବଂ ବର୍ତ୍ତମାନର ଆବେଦନ ନିଷ୍ଫଳ ହୋଇଗଲା, କିନ୍ତୁ ରାଜସ୍ଥାନ ରାଜ୍ୟ ପକ୍ଷରୁ ମହାଧିବକ୍ତା ଯିଏ ଆମ ସମ୍ମୁଖରେ ଆବେଦନକାରୀ ଭାବେ ଏହି ନିଯୁକ୍ତିର ବୈଧତା ସମ୍ପର୍କରେ ନିଷ୍ପତ୍ତି ନେବାକୁ ଆମନ୍ତ୍ରଣ କରିଛନ୍ତି, ଯେହେତୁ ଏହା ଶିଳ୍ପ ବିବାଦ ଅଧିନିୟମ ଅନୁଯାୟୀ ନ୍ୟାୟାଧିକରଣଦ୍ୱାରା କରାଯାଇଥିବା ଅନ୍ୟାନ୍ୟ ଅଧିନିର୍ଣ୍ଣୟକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ଆମେ ସେହି ଅନୁଯାୟୀ ଆମର ନିଷ୍ପତ୍ତି ଜଣାଇବୁ ।

ଏହି ମାମଲାରେ ଜଡିତ ପ୍ରଶ୍ନ ହେଉଛି ଯେ ଶ୍ରୀ ସୁଖଦେଓ ନାରାୟଣଙ୍କ ନିଯୁକ୍ତି ଅବୈଧ କି କାରଣ ସେ ଶିଳ୍ପ ବିବାଦ ଅଧିନିୟମର ଧାରା 7 (3) ଅନୁଯାୟୀ ଏକ ନ୍ୟାୟାଧିକରଣ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରନ୍ତି ନାହିଁ ।

ଧାରା 7 (3) ଯାହାକୁ ପରେ ଶିଳ୍ପ ଅଧିନିୟମ ଭାବେ ଉଲ୍ଲେଖ କରାଯାଇଛି, ସେଥିରେ କୁହାଯାଇଛି : -

"ଯେତେବେଳେ ନ୍ୟାୟାଧିକରଣ କେବଳ ଜଣେ ସଦସ୍ୟଙ୍କୁ ନେଇ ଗଠିତ ହୋଇଥାଏ, ସେହି ସଦସ୍ୟ ଏବଂ ଯେତେବେଳେ ଏହା ଦୁଇ କିମ୍ବା ଅଧିକ ସଦସ୍ୟଙ୍କୁ ନେଇ ଗଠିତ ହୋଇଥାଏ, ନ୍ୟାୟାଧିକରଣର ଅଧକ୍ଷ ସେହି ବ୍ୟକ୍ତି ହୋଇଥାନ୍ତି, ଯିଏ -

(a) ଏକ ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଅଛନ୍ତି କିମ୍ବା ରହିଛନ୍ତି ; କିମ୍ବା

(b) ଜଣେ ଜିଲ୍ଲା ବିଚାରପତି ଅଛନ୍ତି କିମ୍ବା ରହିଛନ୍ତି ;

................................"

ଜାନୁଆରୀ 24, 1950ରେ ରାଜପ୍ରମୁଖଙ୍କ ଦ୍ୱାରା ରାଜସ୍ଥାନ କେନ୍ଦ୍ରୀୟ ଆଇନ ଅଧ୍ୟାଦେଶ ଅନୁକୂଳନ, 1950 (1950ର ଅଧ୍ୟାଦେଶ IV) ଦ୍ୱାରା ରାଜସ୍ଥାନରେ ଶିଳ୍ପ ଅଧିନିୟମ ଲାଗୁ ହୋଇଥିଲା । ଏହି ଅନୁକୂଳନ ଦ୍ୱାରା ଶିଳ୍ପ ଆଇନର ଧାରା 7 ରାଜସ୍ଥାନରେ ପ୍ରଯୁଜ୍ୟ ହେଲା । ଶ୍ରୀ ସୁଖଦେଓ ନାରାୟଣ 1950 ମସିହା ଅକ୍ଟୋବର 9 ତାରିଖରେ ଏକ ଅଧିସୂଚନା ଦ୍ୱାରା ନିଯୁକ୍ତି ପାଇଥିଲେ ଯାହା ନିମ୍ନରେ ଦିଆଗଲା : -

1954

ରାଜସ୍ଥାନ ରାଜ୍ୟ

ବନାମ.

ମେୱାର୍ ବୟନ କଳ ଲିମିଟେଡ୍, ଭିଲୱାରା ଏବଂ ଅନ୍ୟମାନେ

ନ୍ୟାୟାଧୀଶ ଗୁଲାମ୍ ହସନ୍

"ଶିଳ୍ପ ବିବାଦ ଆଇନ, 1947 (1947 ର XIV) ର ଧାରା 7 ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ରାଜସ୍ଥାନ ସରକାର, ଭିଲୱାଡ଼ାରେ ମେୱାର ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍, ରାଜସ୍ଥାନରେ ଏକ ଶିଳ୍ପ ବିବାଦର ଫଇସଲା/ନ୍ୟାୟ ନିର୍ଣ୍ଣୟ ପାଇଁ ପୂର୍ବତନ ଯୋଧପୁର ରାଜ୍ୟର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଶ୍ରୀ ସୁଖଦେଓ ନାରାୟଣଙ୍କୁ ନେଇ ଏକ ଶିଳ୍ପ ନ୍ୟାୟାଧିକରଣ ଗଠନ କରିବାକୁ ସହମତ ହେଲେ ।"

ଶ୍ରୀ ସୁଖଦେଓ ନାରାୟଣଙ୍କ ନିଯୁକ୍ତିକୁ ଉତ୍ତରଦାତାଙ୍କ ଦ୍ୱାରା ଆପତ୍ତି କରାଯାଇଥିଲା କାରଣ ଧାରା 7 (3) ରେ ଥିବା "ଏକ ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି" ଶବ୍ଦର ଅର୍ଥ ହେଉଛି "ରାଜସ୍ଥାନ ହାଇକୋର୍ଟ ଅଧ୍ୟାଦେଶ, 1949 ଅନୁଯାୟୀ ପ୍ରତିଷ୍ଠିତ ରାଜସ୍ଥାନ ପାଇଁ ନ୍ୟାୟାଳୟର ନ୍ୟାୟମୂର୍ତ୍ତି" ଏବଂ ଶ୍ରୀ ସୁଖଦେଓ ନାରାୟଣ ପୂର୍ବତନ ଯୋଧପୁର ରାଜ୍ୟର ହାଇକୋର୍ଟର ନ୍ୟାୟମୂର୍ତ୍ତି ହୋଇଥିବାରୁ ତାଙ୍କୁ ଶିଳ୍ପ ଆଇନର ଧାରା 7(3) ଅନୁଯାୟୀ ହାଇକୋର୍ଟର ନ୍ୟାୟମୂର୍ତ୍ତି ଭାବରେ କୁହାଯାଇପାରିବ ନାହିଁ। ଏହି ଆପତ୍ତିକୁ ହାଇକୋର୍ଟ ଦ୍ୱାରା ସମର୍ଥନ କରାଯାଇଥିଲା ।

ଯଦିଓ ଅଧିସୂଚନାରେ ଶ୍ରୀ ସୁଖଦେଓ ନାରାୟଣଙ୍କ ନିଯୁକ୍ତି ଯୋଧପୁର ଉଚ୍ଚ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଥିଲେ ବୋଲି ଆଧାରିତ ଥିଲା, ଯୁକ୍ତିରେ ଏହା ମଧ୍ୟ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଯଦିଓ ସେ ହାଇକୋର୍ଟର ପୂର୍ବତନ ନ୍ୟାୟମୂର୍ତ୍ତି ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ନଥିଲେ, ସେ ନିଶ୍ଚିତ ଭାବରେ ପୂର୍ବତନ ଜିଲ୍ଲା ବିଚାରପତି ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ । ସୂଚନାଯୋଗ୍ୟ ଯେ 1949 ମସିହା ଏପ୍ରିଲ 7 ତାରିଖରେ ସଂଯୁକ୍ତ ରାଜ୍ୟ ରାଜସ୍ଥାନ ପ୍ରତିଷ୍ଠା ହୋଇଥିଲା ଏବଂ 1949 ମସିହା ମେ 15 ତାରିଖରେ ସଂଯୁକ୍ତ ରାଜ୍ୟ ମତ୍ସ୍ୟ ଏହା ସହିତ ଏକୀଭୂତ ହୋଇଥିଲା । 1950ର ଅଧ୍ୟାଦେଶ ସଂଖ୍ୟା IV ର ଧାରା 5 ରେ କୁହାଯାଇଛି ଯେ :

"ରାଜସ୍ଥାନରେ କୌଣସି କେନ୍ଦ୍ରୀୟ ଆଇନର ପ୍ରୟୋଗ ଉଦ୍ଦେଶ୍ୟରେ, ଯଦି ବିଷୟ କିମ୍ବା ପ୍ରସଙ୍ଗରେ କୌଣସି ବିରୋଧାତ୍ମକ ବିଷୟ ନଥାଏ, -

(ix) ସେଥିରେ ଅନ୍ୟ ଦେୱାନୀ, ଫୌଜଦାରୀ ଏବଂ ରାଜସ୍ୱ ଅଦାଲତ, ସରକାରୀ କାର୍ଯ୍ୟାଳୟ ଏବଂ ନ୍ୟାୟମୂର୍ତ୍ତି, ମାଜିଷ୍ଟ୍ରେଟ୍, ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କ ପ୍ରତି ଥିବା ସନ୍ଦର୍ଭ ରାଜସ୍ଥାନର କିମ୍ବା ତା 'ର ଅଦାଲତ, କାର୍ଯ୍ୟାଳୟ ଏବଂ ନ୍ୟାୟମୂର୍ତ୍ତି, ମାଜିଷ୍ଟ୍ରେଟ୍, ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କ ପ୍ରତି ଥିବା ସନ୍ଦର୍ଭ ବୋଲି ବିବେଚନା କରାଯିବ ।"

ଉଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଯେ, 1949ର ଅଧ୍ୟାଦେଶ-Iରେ ପରିଭାଷିତ "ରାଜସ୍ଥାନ" ଶବ୍ଦଟି ସଂଯୁକ୍ତ ରାଜ୍ୟ ରାଜସ୍ଥାନକୁ ବୁଝାଏ ଏବଂ "ରାଜସ୍ଥାନ ରାଜ୍ୟ"ର ଅର୍ଥ "ରାଜସ୍ଥାନ ରାଜ୍ୟ"

*1954*
*ରାଜସ୍ଥାନ ରାଜ୍ୟ*
*ବନାମ.*
*ମେୱାର୍ ବୟନ କଳ ଲିମିଟେଡ଼, ଭିଲୱାରା ଏବଂ ଅନ୍ୟମାନେ*
*ନ୍ୟାୟାଧୀଶ ଗୁଲାମ୍ ହସନ୍*

ଏବଂ ଧାରା 5 (ix) ରେ ଉଲ୍ଲେଖିତ" ବିଚାରପତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ" ସଂଯୁକ୍ତ ରାଜସ୍ଥାନ ରାଜ୍ୟର ସେବାରେ ନିୟୋଜିତ ହୋଇଥିବେ I ତଦନୁସାରେ ସେମାନେ ରାୟ ଦେଇଥିଲେ ଯେ ଶ୍ରୀ ସୁଖଦେଓ ନାରାୟଣଙ୍କୁ ଧାରା 7(3) (b) ର ଅର୍ଥ ମଧ୍ୟରେ ଜିଲ୍ଲା ବିଚାରପତି ଭାବରେ ବିଚାର କରାଯାଇପାରିବ ନାହିଁ ଏବଂ ସେହି ଧାରା ଅନୁଯାୟୀ ଶିଳ୍ପ ନ୍ୟାଧିକରଣ ଭାବରେ ତାଙ୍କର ନିଯୁକ୍ତି ଅବୈଧ I ଆମର ମତ ହେଉଛି ଯେ ଏହି ଆବେଦନ ଉପରେ ଏକ ସଂକ୍ଷିପ୍ତ ଆଧାରରେ ନିଷ୍ପତ୍ତି ନିଆଯାଇପାରିବ I ଶିଳ୍ପ ବିବାଦ (ଅପିଲୀୟ ନ୍ୟାୟାଧିକରଣ) ଅଧିନିୟମ (1950 ର XLVIII) 1950 ମେ 20ରେ କାର୍ଯ୍ୟକାରୀ ହୋଇଥିଲା I ଧାରା 34 ଦ୍ୱାରା ଏହା ବ୍ୟବସ୍ଥା କରାଯାଇଥିଲା ଯେ 1947 ର ଶିଳ୍ପ ବିବାଦ ଅଧିନିୟମ XIV, ଅନୁସୂଚୀରେ ନିର୍ଦ୍ଦିଷ୍ଟ ଢଙ୍ଗରେ ସଂଶୋଧନ କରାଯିବ ଏବଂ ଅନୁସୂଚୀଟି ଶିଳ୍ପ ଅଧିନିୟମର ଧାରା (2) କୁ ଉପଧାରା (1) ରେ ନିମ୍ନଲିଖିତ ଭାବରେ ପ୍ରତିସ୍ଥାପିତ କରାଯିବ I -

"ଏହା ଜାମ୍ମୁ-କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତ ପର୍ଯ୍ୟନ୍ତ ବ୍ୟାପ୍ତ ।"

ଯେପରି ଆମେ ପୂର୍ବରୁ କହିଛୁ, ଶ୍ରୀ ସୁଖଦେଓ ନାରାୟଣଙ୍କୁ ନିଯୁକ୍ତି 9 ଅକ୍ଟୋବର 1950ରେ ଦିଆଯାଇଥିଲା, ଅର୍ଥାତ୍ ରାଜସ୍ଥାନରେ ଶିଳ୍ପ ବିବାଦ ଆଇନ ଲାଗୁ ହେବା ପରେ I ତେଣୁ ଏହି ନିଯୁକ୍ତିର ବୈଧତା ପ୍ରଶ୍ନ ଉପରେ ନିଷ୍ପତ୍ତି ନେବା ପାଇଁ 1950ର ଅଧ୍ୟାଦେଶ IVର ପ୍ରାବଧାନକୁ ପ୍ରୟୋଗ କରିବା ଆବଶ୍ୟକ ନୁହେଁ I 1950ର ଅଧିନିୟମ XLVIII ର ଧାରା 34 ଉପରେ ଆଧାରିତ ଯୁକ୍ତି ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆବେଦନ ପାଇଁ କରାଯାଇଥିବା ଅନୁମତି ଆବେଦନର ଶୁଣାଣି ସମୟରେ ଉପସ୍ଥାପନ କରାଯାଇଥିଲା ଏବଂ ଏହା ଯୁକ୍ତି ଦିଆଯାଇଥିଲା ଯେ ଧାରା 34 ଦୃଷ୍ଟିରୁ ରାଜସ୍ଥାନ କେନ୍ଦ୍ରୀୟ ଆଇନ ଅଧ୍ୟାଦେଶ ଅନୁକୂଳନ, 1950 ର ବ୍ୟବସ୍ଥା, ଯଥା ଧାରା 5, ଉପ-ଧାରା (vii) ଏବଂ (ix), ସଂଶୋଧିତ କିମ୍ବା ବାତିଲ ହୋଇଥିଲା କିନ୍ତୁ ଉଚ୍ଚ ନ୍ୟାୟାଳୟ ମତ ଦେଇଥିଲେ ଯେ ଯଦିଓ ଏହି ଯୁକ୍ତି ସେମାନଙ୍କ ସମ୍ମୁଖରେ ଆବେଦନରେ ଉଠାଯାଇଥାନ୍ତା, ଏହା କୌଣସି ପାର୍ଥକ୍ୟ ସୃଷ୍ଟି କରିନଥାନ୍ତା I ରାଜ୍ୟ ତରଫରୁ ବିଜ୍ଞ ମହାଧିବକ୍ତା ଶ୍ରୀ ହାଜେଲା ଆମ ସମ୍ମୁଖରେ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ 1950 ମସିହାର ଶିଳ୍ପ ବିବାଦ (ଅପିଲୀୟ ନ୍ୟାୟାଧିକରଣ) ଆଇନ XLVIIIର ଧାରା 34 ଦ୍ୱାରା 1947ମସିହାର ଶିଳ୍ପ ବିବାଦ ଆଇନକୁ ରାଜସ୍ଥାନକୁ ବିସ୍ତାର କରିବା ପରେ, ପୂର୍ବର ପ୍ରାବଧାନଗୁଡ଼ିକୁ ଧାରା 34 ଦ୍ୱାରା ସଂଶୋଧିତ କରାଯାଇଥିଲା ଏବଂ 1950ମସିହାର ରାଜସ୍ଥାନ କେନ୍ଦ୍ରୀୟ ଆଇନ ଅନୁକରଣ ଅଧ୍ୟାଦେଶ IV ର ଧାରା 5 ଅନୁଯାୟୀ ପଢ଼ାଯାଇପାରିବ ନାହିଁ I ଆମେ ଭାବୁଛୁ ଯେ ଏହି ତର୍କରେ ପ୍ରଭାବ ଅଛି I ଆମେ ପୂର୍ବରୁ ସୂଚାଇ ଦେଇଛୁ ଯେ ଧାରା 34 ର ପ୍ରଭାବ ହେଉଛି ଶିଳ୍ପ ବିବାଦ ଅଧିନିୟମ, 1947 ର କ୍ଷେତ୍ରୀୟ ପ୍ରୟୋଗକୁ କେବଳ ଜମ୍ମୁ

1954
ରାଜସ୍ଥାନ ରାଜ୍ୟ
ବନାମ
ମେୱାର୍ ବୟନ କଳ ଲିମିଟେଡ୍, ଭିଲୱାରା
ଏବଂ ଅନ୍ୟମାନେ
ନ୍ୟାୟାଧୀଶ ଗୁଲାମ୍ ହସନ୍

ଏବଂ କାଶ୍ମୀର ରାଜ୍ୟ ବ୍ୟତୀତ ରାଜସ୍ଥାନ ସମେତ ସମଗ୍ର ଭାରତରେ ବିସ୍ତାର କରିବା । ଏହିପରି ଭାବରେ କୁହାଯାଏ 1947 ମସିହାର ଶିଳ୍ପ ବିବାଦ ଆଇନର ଧାରା 7 (3) (a) ଏବଂ (b) ରେ ବ୍ୟବହୃତ "ଉଚ୍ଚ ନ୍ୟାୟାଳୟର ଜଣେ ନ୍ୟାୟମୂର୍ତ୍ତି ଏବଂ ଜିଲ୍ଲା ବିଚାରପତି" ଶବ୍ଦଗୁଡ଼ିକୁ ବର୍ତ୍ତମାନ "ପୂର୍ବ ଯୋଧପୁର ରାଜ୍ୟର ଜଣେ ଉଚ୍ଚ ନ୍ୟାୟାଳୟର ଜଣେ ନ୍ୟାୟମୂର୍ତ୍ତି ଏବଂ ଜିଲ୍ଲା ବିଚାରପତି" ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ରହଣ କରାଯିବା ଉଚିତ । 1950 ମସିହାର ଅଧ୍ୟାଦେଶ IV ର ଧାରା 5ର ପ୍ରୟୋଗ ପାଇଁ ବର୍ତ୍ତମାନ କୌଣସି ସ୍ଥାନ ନାହିଁ ଯାହା ଅନୁଯାୟୀ ଜଣେ ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଏବଂ ଜଣେ ଜିଲ୍ଲା ବିଚାରପତି କେବଳ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ଅଧ୍ୟାଦେଶ 1949 ଅନୁଯାୟୀ ପ୍ରତିଷ୍ଠିତ ରାଜସ୍ଥାନ ପାଇଁ ଜଣେ ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ହୋଇପାରିବେ ଏବଂ 1950 ମସିହାର ଅଧ୍ୟାଦେଶ ସଂଖ୍ୟା IV ର ଧାରା 5 (ix) ଅନୁଯାୟୀ ରାଜସ୍ଥାନର ଜଣେ ଜିଲ୍ଲା ବିଚାରପତିଙ୍କୁ ବୁଝାଇପାରିବେ। ଏହି ପରିପ୍ରେକ୍ଷୀରେ ଆମେ ଆମେ ବିଚାର କରୁଛୁ ଯେ ଶ୍ରୀ ସୁଖଦେଓ ନାରାୟଣଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ବୈଧ ଥିଲା ।

ତଦନୁସାରେ ଆମେ ଉଚ୍ଚ ନ୍ୟାୟାଳୟର ଆଦେଶକୁ ବିନା ଖର୍ଚ୍ଚରେ ରଦ୍ଦ କରୁଛୁ, କାରଣ ଉତ୍ତରଦାତା ପ୍ରତିନିଧିତ୍ୱ କରୁନାହାଁନ୍ତି ।

ଆବେଦନକାରୀଙ୍କ ପାଇଁ ପ୍ରତିନିଧି ଆର୍. ଏଚ୍. ଧେବର ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।